## ସଂକ୍ଷେପରେ

### ବାରୁଡ଼ା ଲଙ୍କେଶ୍ୱରୀ ମନ୍ଦିର ବାର୍ଷିକୋତ୍ସବ

ଭଞ୍ଜନଗର,୨୭।୧୨(ଡି.ଏନ.ଏ.)- ଭଞ୍ଜନଗର ବ୍ଲକ ବାରୁଡ଼ା ଲଙ୍କେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ମଙ୍ଗଳବାର ଦିନତମାମ ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଯୁବକ ସଂଘ କର୍ମକର୍ତ୍ତା, ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ଟ୍ରାକ୍ଟର ସହ ଆମ୍ବ ଗଣ୍ଡି ଜବତ, ଅଭିଯୁକ୍ତ ଫେରାର

ବୁଗୁଡା,୨୭।୧୨(ଡି.ଏନ.ଏ.)-ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଗୋଲିଆ ନିକଟସ୍ଥ କୋଇଲେଣ୍ଡି ଛକଠାରେ ମଙ୍ଗଳବାର ସକାଳ ୭ ଟାରେ ବନ ବିଭାଗ ପକ୍ଷରୁ ଏକ ଟ୍ରାକ୍ଟର ସହ ୧୧ ବିଶାଳ ଆମ୍ବ ଗଣ୍ଡି ଜବତ କରାଯାଇଛି। ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରୁ ବ୍ୟାପକ ଚୋରା କାଠ ଚାଲାଣ ହେଉଥିଲା। ଭଞ୍ଜନଗର ଫରେଷ୍ଟ ମୋବାଇଲ ଷ୍ଟାଫ୍, ପୋଲସରା ରେଞ୍ଜ ଓ ବୁଗୁଡା ରେଞ୍ଜ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ସେଠାରୁ ଏକ ଟ୍ରାକ୍ଟର ସହ ସେଥିରେ ଥିବା ପ୍ରାୟ ୫୬ ଘନଫୁଟ କାଠ ବିଶିଷ୍ଟ ୧୧ ବିଶାଳ ଆମ୍ବ ଗଣ୍ଡି ଜବତ କରିଥିଲେ। ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିବା ଖବର ପାଇ ଟ୍ରାକ୍ଟର ଚାଳକ ଜଣଙ୍କ ଫେରାର ହେବାରେ ସକ୍ଷମ ହୋଇଥିବା ଜଣାପଡିଛି। ଆମ୍ବ ଗଣ୍ଡି ବୋଝେଇ ଟ୍ରାକ୍ଟରଟି ଆମ୍ବିଲିଝରି ଦେଇ ଚିରିକିପଡା ଶାସନ ଯାଉଥିବା ସନ୍ଦେହ କରାଯାଇଛି। ଏ ନେଇ ବୁଗୁଡା ବନବିଭାଗ ପକ୍ଷରୁ ୟୁଡି ନଂ ୨୦/୨୨-୨୩ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

### ଏନ୍ଏସ୍ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ସୋରଡା,୨୭।୧୨(ଡି.ଏନ.ଏ.)- ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍)ର ୮ଦିନିଆ ସ୍ୱତନ୍ତ୍ର ଶିବିର ବୁଧବାର ଉଦଯାପିତ ହୋଇଛି। ସଂଯୋଜକ ହୃଷିକେଶ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଏହି ଶିବିର ବୋରାଶିଙ୍ଗି ପଞ୍ଚାୟତ ରେଣ୍ଟି ଗ୍ରାମରେ ଚାଲିଥିଲା। ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି କେନ୍ଦ୍ର , ବିଦ୍ୟାଳୟ, ଗ୍ରାମରାସ୍ତା ସଫେଇ କରିବା ସହ ସ୍ୱଚ୍ଛ ପରିବେଶ ଲାଗି ଯତ୍ନବାନ ହେବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ।ଏଥିସହ ପ୍ରତିଦିନ ସନ୍ଧ୍ୟାରେ ପ୍ରଥପ୍ରାନ୍ତ ନାଟକ ମାଧମରେ ଯୌତୁକ ନିର୍ଯାତନା, ଦୁର୍ନୀତି ରୋକିବାକୁ ଥିବା ଆଇନ ସହ ଟ୍ରାଫିକ ନିୟମ ଉପରେ ସଚେତନ କରାଇଥିଲେ । ଅଧକ୍ଷ ରମେଶ କୁମାର ପାଢ଼ୀ, ଅଧାପକ ସୁଧାଂଶୁ କୁମାର ପଣ୍ଡା, ଜିଲା ପରିଷଦ ପ୍ରଫୁଲ୍ଲ ମହାକୁଡ, ସମାଜିକ କର୍ମୀ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବିଭିନ୍ନ ଦିନରେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ଆଜି ଗଞ୍ଜାମ ଆସିବ ହକି ବିଶ୍ୱକପ୍

ଛତ୍ରପୁର,୨୭।୧୨(ଡି.ଏନ୍.ଏ.)- କନ୍ଧମାଳ ଜିଲାରୁ ଆସୁଥିବା ହକି ବିଶ୍ୱକପ୍ ବୁଧବାର ଗଞ୍ଜାମ ଜିଲାରେ ପହଞ୍ଚିବ। ଦୁର୍ଗାପ୍ରସାଦଠାରେ ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଆଡ଼ମ୍ବରରେ ସ୍ୱାଗତ କରାଯିବ। ଏଥିନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧକ୍ଷତାରେ ଜୁମ ଆଭାସୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଥିଲା। ବିଶ୍ୱକପ୍‌କୁ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷାବିତ, ଜନପ୍ରତିନିଧି ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ସ୍ୱାଗତ କରାଯିବ। ଦୁର୍ଗାପ୍ରସାଦଠାରେ ସ୍ୱାଗତ ପରେ ଟ୍ରଫି ଭଞ୍ଜନଗର ମଧ ଦେଇ ଆସିକାଠାରେ ପହଞ୍ଚିବ। ପରେ ହିଞ୍ଜିଳି ମିନି ଷ୍ଟାଡିୟମଠାରେ କପ୍‌କୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧନା ଦିଆଯିବ। ସ୍ଥାନୀୟ କ୍ରୀଡାବିତମାନଙ୍କୁ ସମ୍ମାନିତ କରାଯିବ। ସେଠାରୁ ତାରାତାରିଣୀ ପୀଠରେ ପହଞ୍ଚିବ। ମା' ତାରାତାରିଣୀଙ୍କ ଆଶୀର୍ବାଦ ଲାଭ କରି ପୁନର୍ବାର ଏହା ଛତ୍ରପୁର ଖେଳପଡ଼ିଆଠାରେ ପହଞ୍ଚିବ। ସେଠାରେ ହକି ଓ ଭଲିବଲ ମ୍ୟାଚ ଆୟୋଜିତ ହେବ ଓ ସେମାନଙ୍କୁ ସମ୍ମାନିତ କରାଯିବ। ସେଠାରୁ ବ୍ରହ୍ମପୁର ଗସ୍ତରେ ଆସି ରାତ୍ର ରହଣୀ ହେବ। ୨୯ ତାରିଖ ସକାଳେ ଏକ ବିଶାଳ ରାଲିରେ ବ୍ରହ୍ମପୁର ସହର ପରିକ୍ରମା କରି ରାମଲିଙ୍ଗମ ପୋଖରୀଠାରେ ପହଞ୍ଚିବ। ରାମଲିଙ୍ଗମ ପୋଖରୀଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହିତ କ୍ରୀଡ଼ାବିତମାନଙ୍କୁ ସମ୍ମାନିତ କରାଯିବ ଏବଂ ସେଠାରୁ ତପ୍ତପାଣି ଗସ୍ତକରି ଗଜପତି ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ତଦନ୍ତ କରିବେ ଜିଏସ୍‌ଟି ଅଧିକାରୀ

- ଜିଏସ୍‌ଟି ଅଧିକାରୀ କହି ଠକେଇ ମାମଲା
- ଲ୍ୟାବ୍‌କୁ ପଠାଯିବ ପାନ ମସଲା ନମୁନା

ଛତ୍ରପୁର,୨୭।୧୨(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଜିଏସ୍‌ଟି ଅଧିକାରୀ ଦର୍ଶାଇ ଟ୍ରକ୍ ଡ୍ରାଇଭରଙ୍କୁ ମାଡମାରି ଟଙ୍କା ଠକେଇ ସହ ଲକ୍ଷାଧିକ ଟଙ୍କାର ଡିଲକ୍ସ ପାନ ମସଲା ଲୁଟ୍ ମାମଲାର ତଦନ୍ତ ଜାରି ରହିଛି । ଏଥିରେ ୩ ନକଲି ଜିଏସ୍‌ଟି ଅଧିକାରୀଙ୍କ ସମେତ ୪ ଜଣଙ୍କୁ ଗିରଫ କରି ଛତ୍ରପୁର ପୋଲିସ ସୋମବାର କୋର୍ଟ ଚାଲାଣ କରିଥିଲା। ଏମାନେ ଏବେ ଛତ୍ରପୁର ଜେଲରେ ଅଛନ୍ତି। ଅପରପକ୍ଷରେ ଏହି ମାମଲାର ଅଧିକ ତଦନ୍ତ ଜିଏସ୍‌ଟି ବିଭାଗ କରିବେ ବୋଲି ଜଣାପଡିଛି । ନକଲି ଜିଏସ୍‌ଟି ଅଧିକାରୀ ଭାବେ ଦର୍ଶାଇ ଟଙ୍କା ଓ ଲକ୍ଷାଧିକ ଟଙ୍କାର ପାନ ମସଲାର ତଦନ୍ତ କରିବାକୁ ଅସଲି ଜିଏସ୍‌ଟି ଅଧିକାରୀଙ୍କୁ ଛତ୍ରପୁର ପୋଲିସ ପକ୍ଷରୁ ଅବଗତ କରାଯାଇଛି । ପ୍ରକୃତରେ ଜବତ ପାନ ମସଲା କିଣା ବିକା ଓ ପରିବହନ ବାବଦରେ ଜିଏସଟି ବିଭାଗ ନିକଟରେ ଟିକସ ଜମା ହୋଇଛି କି ନାହିଁ ତାର ଖୋଳତାଡ ବିଭାଗ ହିଁ କରିପାରିବ । ଜବତ ପାନ ୬୦ ବସ୍ତା ପାନ ମସଲାର ଆନୁମାନିକ ମୂଲ୍ୟ ୧୦ ରୁ ୧୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ତେବେ କୋଲକତାରୁ ଚାଉଳ ଓ ଉକ୍ତ ପାନ ମସଲା ଟ୍ରକ୍ ଯୋଗେ ଆନ୍ଧ୍ରକୁ ଚାଲାଣ ବେଳେ ନକଲି ଜିଏସଟି ଅଧିକାରୀ ଦର୍ଶାଇ ବଟି ଆଦାୟ ସହ ପାନ ମସଲା ଲୁଟ୍ କରାଯାଇଥିଲା। ବଟି ଆଦାୟ ପରେ ଚାଉଳ ସହ ଟ୍ରକକୁ ଦୁର୍ବୃତ୍ତମାନେ ଛାଡି ଦେଇଥିଲେ । ଉକ୍ତ ଚାଉଳ ବାବଦରେ ମଧ ଜିଏସଟି ଟିକସ ପୈଠ ହୋଇଥିଲା କି ନାହିଁ ତାର ମଧ ତଦନ୍ତର ଆବଶ୍ୟକତା ରହିଛି । ପୋଲିସ ପକ୍ଷରୁ ଜବତ ପାନ ମସଲା ନା ଏଥିରେ ଜର୍ଦା ମିଶ୍ରିତ ଅଛି କି ନାହିଁ ତାର ଟେଷ୍ଟିଂର ଆବଶ୍ୟକତା ରହିଛି । ଏହାର ନମୁନା ଲ୍ୟାବକୁ ପଠାଯିବ ବୋଲି ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ କହଛନ୍ତି। ଟ୍ରକ୍‌ରେ ଥିବା ୮୬ ହଜାର ଟଙ୍କା ମଧ ଦୁର୍ବୃର୍ତମାନେ ନେଇଯାଇଥିବା ଏତଲାରେ ଟ୍ରକ୍ ଚାଳକ ଦର୍ଶାଇଥିଲେ । ମାତ୍ର ତାହାର ସତ୍ୟତା ଅଛି କି ନାହିଁ ତଦନ୍ତ ପରେ ଜଣାପଡିବ ବୋଲି କୁହାଯାଇଛି। ଏପରିକି ଗିରଫମାନଙ୍କ ନାଁରେ ଆଗରୁ କୌଣସି ଥାନାରେ ଆପରାଧିକ ମାମଲା ଅଛି କି ନାହିଁ ତାର ମଧ ଖୋଳତାଡ ଛତ୍ରପୁର ପୋଲିସ କରିବ । ବ୍ରହ୍ମପୁରର ସୀମାଞ୍ଚଳ ପଣ୍ଡା ତାଙ୍କର ବକେୟା ଟଙ୍କା ଆଦାୟ କରିବାକୁ ସୁଶାନ୍ତ କୁମାର ଦଳାଇକୁ କହିଥିଲେ। ସୁଶାନ୍ତ ତାଙ୍କ ସହଯୋଗୀ ଛତ୍ରପୁରର ଦେବାଶିଷ ଓ ଗୋପାଳଙ୍କ ସହ ପ୍ରସ୍ତୁତି କରିଥିଲେ। ୨୧ ତାରିଖରେ କୋଲକତାରୁ ଏକ ଟ୍ରକ୍ ଯୋଗେ ନାନି ରାଜୁଙ୍କ ଚାଉଳ ଓ ପାନ ମସଲା ଆନ୍ଧ୍ରକୁ ଯାଉଥିବା ବେଳେ ଛତ୍ରପୁର ଥାନା ଅନ୍ତର୍ଗତ ଉଜ୍ଜଳେଶ୍ୱରୀ ମନ୍ଦିର ନିକଟରେ ସୁଶାନ୍ତ, ଦେବାଶିଷ ଓ ଗୋପାଳ ଅଟକାଇ ନିଜକୁ ଜିଏସ୍‌ଟି ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଘଟଣାର ରଫାଦଫା କରିବାକୁ ସାମଗ୍ରୀର ମାଲିକ ୧ ଲକ୍ଷ ୪୦ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ । ଏଥିସହ ଟ୍ରକ୍‌ରେ ଥିବା ୬୦ ବସ୍ତା ପାନ ମସଲାକୁ ଦୁର୍ବୃତ୍ତମାନେ ନେଇ ଟ୍ରକ୍ ସହ ଚାଉଳ ଛାଡି ଦେଇଥିଲେ । ଏତଲା ପରେ ତଦନ୍ତ କରି ଠକେଇ କରି ନେଇଥିବା ୧ ଲକ୍ଷ ୪୦ ହଜାର ଟଙ୍କା, ଲୁଟ୍ କରିଥିବା ଲକ୍ଷାଧିକ ଟଙ୍କାର ୬୦ ପ୍ୟାକେଟ୍ ପାନମସଲା, ୫ ଟି ମୋବାଇଲ ଏବଂ ୨ ଟି କାରକୁ ଏମାଙ୍କଠାରୁ ପୋଲିସ ଜବତ କରିଥିଲା ।

## ମାଫିଆଙ୍କ କବ୍‌ଜାରେ ଠାକୁର ଜମି

ପୁରୁଷୋତ୍ତମପୁର,୨୭।୧୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ସହର ଉପକଣ୍ଠରେ ରାଧାକୃଷ୍ଣ ଠାକୁରଙ୍କ ନାମରେ ଥିବା ପ୍ରାୟ ଏକ ଏକରରୁ ଉର୍ଦ୍ଧ୍ୱ ଜମିକୁ ମାଫିଆମାନେ କବଜା କରିନେଇଥିବା ଅଭିଯୋଗ ହୋଇଛି। ଏହି ଜମିକୁ ଜଣେ ବ୍ୟକ୍ତି ତହସିଲରେ କୁଆଡେ ନିଜ ନାମରେ ପଟ୍ଟା କରାଇ ନେଇଥିଲେ। ଗତ କିଛିଦିନ ତଳେ ତାହାକୁ ସେ ବିକ୍ରି ମଧ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳର କେତେଜଣ ବ୍ୟକ୍ତି ଏ ନେଇ ଗଞ୍ଜାମ ଜିଲାପାଳ, ଦେବୋତ୍ତର କମିସନରଙ୍କ ନିକଟକୁ ଯାଇ ଫେରାଦ ହେବେ ବୋଲି ଜଣାପଡିଛି। ଆବଶ୍ୟକ ପଡିଲେ ଅଦାଲତର ଆଶ୍ରୟ ନେଇ ଯେ କୌଣସି ମତେ ଠାକୁର ଜମି ଫେରାଇ ଆଣିବା ଲାଗି ପ୍ରସ୍ତୁତ ହୋଇଛନ୍ତି। ଏ ନେଇ ସବ ରେଜିଷ୍ଟ୍ରର କାଳୀପ୍ରସାଦ ଧଳଙ୍କ ସହ ଯୋଗାଯୋଗ କରିବାରେ ସେ ଛୁଟିରେ ଅଛନ୍ତି। ଫେରିଲେ ଏହାର ତଦନ୍ତ କରି ସତ୍ୟତା ଥିଲେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## କାଶୀନଗର ବ୍ଲକରେ ହାତୀ ଆତଙ୍କ


ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହାତୀପଲ।

ପାରଳାଖେମୁଣ୍ଡି,୨୭।୧୨(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି। ଗତ କିଛିଦିନ ହେଲା ପାଞ୍ଚ ଟିକିଆ ହାତୀପଲ ଅଞ୍ଚଳରେ ଚଳପ୍ରଚଳ ହେଉଥିବା ବେଳେ ଖାଦ୍ୟପାଇଁ ଗାଁମୁହାଁ ହେଉଛନ୍ତି। ବୁଦୁରା ପଞ୍ଚାୟତର ବୁଦୁରା, ବଥବା, ଇଦୁଡି, ଗୌରୀ ଆଦି ଗାଁ ନିକଟରେ ହାତୀ ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇପଡୁଛନ୍ତି। ହାତୀପଲ ଖଳାରେ ପଶି ଅମଳ ଧାନକୁ ଖାଇ ଯାଉଛନ୍ତି। ବନ କର୍ମଚାରୀ ସେମାନଙ୍କ ଗତିବିଧି ଉପରେ ନଜର ରଖୁଥିବା ବେଳେ ହାତୀପଲକୁ ଘଉଡ଼ାଇବା ପାଇଁ ସେଭଳି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ବର୍ଷକର ଅମଳ ନଷ୍ଟ ହେଉଥିବା ଦେଖି ଚାଷୀ ମୁଣ୍ଡରେ ହାତ ଦେଲେଣି। ବନ ବିଭାଗ ଏହାକୁ ଗୁରୁତର ସହ ନେଇ ହାତୀପଲକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିବାକୁ ଦାବି ହେଉଛି।

## ବନ୍ଧକ ଘର ସିଲ୍ କଲା ବ୍ୟାଙ୍କ

### ବ୍ୟବସାୟ ଋଣ ଶୁଝିପାରିଲେନି

ପୋଲସରା,୨୭।୧୨(ଡି.ଏନ.ଏ.)

ବ୍ୟବସାୟ ପାଇଁ ଆଣିଥିବା ଋଣ ଶୁଝି ନ ପାରିବାରୁ ଜଣେ ବ୍ୟକ୍ତି ବନ୍ଧକ ରଖିଥିବା ଘରକୁ ବ୍ୟାଙ୍କ ପକ୍ଷରୁ ସୋମବାର ସିଲ କରାଯାଇଛି। ପୋଲସରା ବ୍ଲକ ହାତୀଓଟ ଗ୍ରାମର ଫକୀର କୁମାର ଜେନା ବ୍ୟବସାୟ ପାଇଁ ନିଜ ଦୋକାନ ନାମରେ ୨୦୧୯ରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ହାତୀଓଟ ଶାଖାରୁ ନିଜ ଘର ବନ୍ଧକ ଆକାରରେ ରଖି ୨୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ସେ ଠିକ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଋଣ ଭାର ୩୦ ଲକ୍ଷରେ ପହଞ୍ଚିଥିଲା। ବ୍ୟାଙ୍କ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ ଟଙ୍କା ଶୁଝି ନ ଥିଲେ। ତେଣୁ ବ୍ୟାଙ୍କ ପ୍ରଶାସନ ପକ୍ଷରୁ ସରଫେସି ଆକ୍ଟ ଅନୁଯାୟୀ ଫକୀରଙ୍କର ତିନୋଟି ସ୍ଥାନରେ ଥିବା ୩ କୋଠାକୁ ଜଉମୁଦ ସହ ସିଲ କରାଯାଇଛି। ଜଉମୁଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ଅଜୟ କୁମାର ନାୟକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ହାତୀଓଟ ଶାଖା ପରିଚାଳକ ସ୍ୱପ୍ନ ସରିତଙ୍କ ସମେତ ବାଲିଛାଇ ଫାଣ୍ଡି ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


ପ୍ରଶାସନ ପକ୍ଷରୁ କୋଠାକୁ ଜଉମୁଦ ସହ ସିଲ କରାଯାଉଛି ।

## ପଞ୍ଚାୟତ ପ୍ରତିନିଧିଙ୍କ ୨ ଦିନିଆ ତାଲିମ ଶିବିର

ବଲସକୁମ୍ପା,୨୭।୧୨

ଖଜୁରୀପଡା ବ୍ଲକ ବଲସକୁମ୍ପା ପଞ୍ଚାୟତରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଯୁବ ଗୋଷ୍ଠୀଙ୍କ ଅନୁକୂଳ ଗ୍ରାମ ପଞ୍ଚାୟତ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ପାଇଁ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସିମାଞ୍ଚଳ ବେହେରା, ବଲସକୁମ୍ପା ସରପଞ୍ଚ ଅମ୍ବିକା କହଁର, ନାଏବ ସରପଞ୍ଚ ବିଳାସିନୀ ସାହାଣୀ, ସମିତିସଭ୍ୟ ଜୀବନ କୁମାର ଗଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମ ଚରଣ ମହାନ୍ତି, ଜିଲା ଜୀବନ କୌଶଳ ସଂଯାଜକ ପ୍ରମୁଖ ଯୋଗ ଦେଇ ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ କରିବା, ସମସ୍ତ କିଶୋର ଓ କିଶୋରୀଙ୍କୁ ବିଦ୍ୟାଳୟକୁ ପଠାଇବା, ଯୁବତୀ ଯୁବକମାନେ କାମ ଧନ୍ଦା କରିବାକୁ ବାହାରକୁ ଗଲେ ପଞ୍ଚାୟତରେ ପଞ୍ଜୀକରଣ କରିବା ଲାଗି ବୁଝାଇଥିଲେ। ଅନ୍ୟମାନଙ୍କ ମଧରେ ନିର୍ବାଚିତ ଲୋକ ପ୍ରତିନିଧି, ଗାଁ ସାଥି ଏବଂ ଯୁବଗୋଷ୍ଠୀ ଓ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସିପିଆଇ ଶାଖାର ମିଳିତ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ନେତାମାନେ।

ପୋଲସରା,୨୭।୧୨(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବନ୍ଥପଲ୍ଲୀ, ଉସ୍ତାପଡା, କୋଙ୍କରଡା ଓ ଚିରିକିପଡା ଶାସନ ଶାଖା ସମ୍ମିଳନୀ ମଙ୍ଗଳବାର ମିଳିତ ଭାବେ ବନ୍ଥପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ଥପଲ୍ଲୀ ଶାଖାର ବରିଷ୍ଠ ସଦସ୍ୟା ଲକ୍ଷ୍ମୀ ବେହେରା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସାଇବାଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀକୁ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ କୁମାର ପାଇଯୋଷୀ ଉଦଘାଟନ କରି ସମ୍ପ୍ରତି ଦେଶରେ ଦେଖାଦେଇଥିବା ଅରାଜକତା ଓ ଦୁର୍ଗତି ସମ୍ପର୍କରେ କହିଥିଲେ। ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ପ୍ରଦୀପ ସେଠୀ, ପୋଲସରା ଆଞ୍ଚଳିକ କମିଟି ସମ୍ପାଦକ ଦଣ୍ଡପାଣି ସାମଲ ଏବଂ ନିର୍ମାଣ ଶ୍ରମିକ ନେତା ହରି ହର ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଚଳିତ ବର୍ଷ ପାଇଁ ବନ୍ଥପଲ୍ଲୀ ଶାଖାର ସମ୍ପାଦକ ଭାବେ ତ୍ରିନାଥ ସାମଲ ଓ ସହ ସମ୍ପାଦକ ଭାବେ ସନ୍ତୋଷ ଡାକୁଆ, ମହିଳା ଶାଖାର ସମ୍ପାଦକ ଭାବେ ସସ୍ମିତା ପାତ୍ର ଓ ସହ ସମ୍ପାଦକ ଭାବେ ଖଜା ନାହାକ ଓ ଧୋବଣୀ ନାହାକ, ଉସ୍ତାପଡା ଶାଖା ସମ୍ପାଦକ ଭାବେ ଦୁର୍ଯୋଧନ ରାଉତ ଓ ସହ ସମ୍ପାଦକ ଭାବେ ଦୁତୀକୃଷ୍ଣ ନାହାକ, କୋଙ୍କରଡା ଶାଖା ସମ୍ପାଦକ ନମିତା ବେହେରା ଓ ସହ ସମ୍ପାଦକ ଭାବେ ନମିତା ଜେନା ଏବଂ ଚିରିକିପଡା ଶାସନ ଶାଖା ସମ୍ପାଦକ ଭାବେ ଜୟନ୍ତୀ ପ୍ରଧାନ ଓ ସହ ସମ୍ପାଦିକା ଭାବେ ରିନା ନାୟକଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା।

## କ୍ଷେତମଜଦୁର ୟୁନିୟନର ଅଷ୍ଟମ ସମ୍ମିଳନୀ

କୁକୁଡାଖଣ୍ଡି,୨୭।୧୨

ଓଡିଶା କ୍ଷେତ ମଜଦୁର ୟୁନିୟନ ଗଞ୍ଜାମ ଜିଲା ତରଫରୁ ରବିବାର ଓ ସୋମବାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରାଇଖୋଲ ଭୀମସେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଷ୍ଟମ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ରାଜ୍ୟରେ କ୍ଷେତମଜଦୁର ଗ୍ରାମୀଣ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୧ କୋଟି ୨୦ ଲକ୍ଷ। ଏମାନେ ଭୂମିହୀନ, ଦଳିତ, ଆଦିବାସୀ ଓ ପଛୁଆବର୍ଗ ପରିବାରର ଅଟନ୍ତି ବୋଲି ମତ ପ୍ରକାଶ ପାଇଥିଲା।

ଏଥିରେ ଥିବା ଦାବି ଗୁଡିକ ହେଲା ଏମ୍‌ଜିଏନ୍‌ଆଇଜିଏସ୍‌ରେ ୨୦୦ ଦିନ କାମ ଓ ୬୦୦ ଟଙ୍କା ମଜୁରୀ ପ୍ରଦାନ, ସଂଶୋଧିତ ଶ୍ରମ ଆଇନକୁ ପ୍ରତ୍ୟାହାର, ଆଦିବାସୀଙ୍କ ଦଖଲ ଜମିର ପଟ୍ଟା ଓ ୧୯୮୦ ମସିହା ଆଇନର ସଂଶୋଧନ ବନ୍ଦ କରାଯିବା ଓ ପଟ୍ଟା ପ୍ରଦାନ ଆଦି ରହିଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ମିଶ୍ର, କୈଳାସ ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ବିଦ୍ୟାଧର ଜେନାଙ୍କ ପୌରାହିତରେ ଆୟୋଜିତ ହୋଇଥିବା ବେଳେ ଆୟୋଜକ କୃଷ୍ଣ ସାହୁ, ସଭାପତି ବିଜୟ ବିଶୋଇ, ସମ୍ପାଦକ ବିପିନ ବିହାରୀ ନାଇକ, ଗଞ୍ଜାମ ଜିଲା ସମ୍ପାଦିକା ବିଷ୍ଣୁପିୟା ସାହୁ, ଗଞ୍ଜାମ ଜିଲା ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ, କୁକୁଡାଖଣ୍ଡି ବ୍ଲକ ସଭାପତି ରାମଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡି କର୍ମୀ

ପାରଳାଖେମୁଣ୍ଡି,୨୭।୧୨(ଡି.ଏନ.ଏ.)

ଆଠ ଦଫା ଦାବି ନେଇ ଗଜପତି ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରଠାରୁ ୨ ହଜାରରୁ ଅଧିକ କର୍ମୀ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଘେରାଉ କରିଥିଲେ। ଚାକିରି ନିୟମିତ କରିବା, କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ସହାୟତା ରାଶି ପ୍ରଦାନ, ପେନସନ ଲାଗୁ କରିବା ଆଦି ଦାବି ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନର ୩୭ ଦିନ ବିତିଥିଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜଳି ନାୟକ, ଜିଲା ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା, ଜ୍ୟୋସ୍ନାରାଣୀ ପାଣିଗ୍ରାହୀ ପ୍ରମୁଖ କହିଛନ୍ତି।

## ପଦାର୍ଥ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭଞ୍ଜନଗର,୨୭।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି। ଏଥିଲାଗି ଆୟୋଜିତ ସଭାରେ ଅଧକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକୀ ସାହୁ, ଗଣିତ ବିଭାଗ ମୁଖ୍ୟ ପ୍ରାଧାପିକା ଆରତିବାଳା ପ୍ରଧାନ, ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧାପକ ବିଭାସ ଦାସ, ଅଧାପିକା ପ୍ରତିଧ୍ୱନି ସ୍ୱାଇଁ, ଅଧାପକ ରମାକାନ୍ତ ସାହୁ, ଅର୍ପଣ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଖୋଲିନି ଧାନମଣ୍ଡି, ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ

ବେଗୁନିଆପଡ଼ା,୨୭।୧୨

ଧାନମଣ୍ଡି ସମସ୍ୟାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଛି। ବର୍ତ୍ତମାନ ୮୦ ପ୍ରତିଶତ ଧାନ ଅମଳ ଶେଷ ହୋଇଯାଇଥିବା ବେଳେ ଏଯାବତ ମଣ୍ଡି ଖୋଲାଯାଇନାହିଁ। ୪୮ ଘଣ୍ଟା ମଧରେ ଧାନମଣ୍ଡି ଖୋଲିବା ଓ ମଣ୍ଡି ସମସ୍ୟାର ସମାଧାନ ଦାବି ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ବେଗୁନିଆପଡା ବ୍ଲକ ଘେରାଉ କରିଛି। ଭାଜପା ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶନୀ, ରାଜ୍ୟ ପରିଷଦ ସଦସ୍ୟ ପ୍ରତାପ ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରଞ୍ଜନ ମଙ୍ଗରାଜ, କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ, ମିଡିଆ ସେଲ୍ ରାଜ୍ୟ ଉପସଭାପତି ପ୍ରଦୀପ କୁମାର ସାହୁଙ୍କ ସହ ୫ ଶହରୁ ଉର୍ଦ୍ଧ୍ୱ କୃଷକ ସାମିଲ ହୋଇଥିଲେ। ପ୍ରଥମେ ସିଦ୍ଧେଶ୍ୱର ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ବେଗୁନିଆପଡ଼ା ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଗର୍ଜିଥିଲେ। ପରେ ବ୍ଲକ ଫାଟକରେ ଧସେଇ ପଶି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ କାର୍ଯ୍ୟାଳୟକୁ ଆସିବା ପରେ ଦୀର୍ଘ ସମୟ ତାଙ୍କ ସହ ମଣ୍ଡି ସମସ୍ୟା ନେଇ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ବେଗୁନିଆପଡ଼ା ବ୍ଲକରେ ମାତ୍ର ୨ଟି ମଣ୍ଡି ଖୋଲିଥିଲା ବେଳେ ଏଯାବତ କୌଣସି ଧାନ କିଣାଯାଇନି। ଏଭଳି ସ୍ଥିତିର ସୁଯୋଗ ନେଇ ଆନ୍ଧ୍ର ବେପାରୀ କମ୍ ଦାମରେ ଚାଷୀଙ୍କ ଠାରୁ ଧାନ କିଣି ନେଉଛନ୍ତି।


ଭାଜପା କୃଷକ ମୋର୍ଚ୍ଚାର ବ୍ଲକ ଘେରାଉ କରାଯାଇଛି।

## ଏନ୍ଏସ୍ଏସ୍ ଶିବିର ଉଦ୍‌ଯାପିତ


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଭଞ୍ଜନଗର,୨୭।୧୨(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍ଏସ୍ଏସ୍ ଶାଖା 'ଏ' ଏବଂ 'ବି' ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ଶୀତକାଳୀନ ଶିବିର ସୋମବାର ଉଦଯାପିତ ହୋଇଯାଇଛି। ସ୍ଥାନୀୟ ସୋମନାଥ ଅଭ୍ୟାସ ମୌଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ, ପ୍ରାଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକି ସାହୁ, ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧାପକ ବିଭାସ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଜନା ଅଧିକାରୀ ଶାଖା 'ଏ' ଅଧାପକ ସନାତନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କ୍ୟାମ୍ପର ଅନୁଭୂତି ସମ୍ପର୍କରେ ଛାତ୍ରୀଛାତ୍ରମାନେ କହିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯୋଜନା ଅଧିକାରିଣୀ ଶାଖା 'ବି' ଅଧାପିକା ସସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

